# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ବୁଦ୍ଧିମାନ୍ ରାଜା ଶଲୋମନ


ଲେଖକ: Edward Hughes

ଦୃଷ୍ଟାନ୍ତ: Lazarus

ଅନୁବାଦକ: Prasanta Bhuyan

ଉପଯୋଜକ: Ruth Klassen


 କାହାଣୀ ୬୦ ରୁ ୨୨


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ — Oriya

ରାଜା ଦାଉଦ ସଦାପ୍ରଭୁଙ୍କ ମହାନ ଦାସ ଥିଲେ । ତାଙ୍କ ରାଜତ୍ୱ କାଳରେ, ଶାଉଲଙ୍କ ଅପେକ୍ଷା ତାଙ୍କ ଶାସନରେ ଇସ୍ରାଏଲ ଦଶ ଗୁଣରେ ବୃଦ୍ଧି ପାଇଥିଲା ।





କିନ୍ତୁ ବର୍ତ୍ତମାନ୍ ସେ ଆଉ ରାଜ୍ୟ କରି ପାରିଲେ ନାହିଁ । ସେ ବୃଦ୍ଧ, ଦୁର୍ବଳ ଓ ଜଗତେରେ ତାଙ୍କର ଶେଷ ସମୟ ଉପସ୍ଥିତ ହେଲା ଏବଂ ସେ ଗତବୟସ୍କ ହେଲେ ।





ଦାଉଦଙ୍କ ଅନେକ
ପୁତ୍ରମାନଙ୍କ ମଧ୍ୟରୁ,
ଆଦୋନୀୟ, ଆପଣାକୁ
ବଡ଼କରି କହିଲା, ମୁଁ
ଇସ୍ରାଏଲର ରାଜା ହେବି,
ଯଦିବା ତାଙ୍କ ନାମର
ଅର୍ଥ ସଦାପ୍ରଭୁ ମୋହର
ପରମେଶ୍ୱର ଥିଲା,
ତଥାପି ସେ ଉତ୍ତମ
ସ୍ୱଭାବି ନ ଥିଲା ।

3



ଦାଉଦ ଯେ ପ୍ରତିକାର
କରିବାକୁ ଅତ୍ୟଧିକ ଦୁର୍ବଳ
ଅଟନ୍ତି, ସେ ଏହା ଜାଣି
ରାଜ ସିଂହାସନକୁ ଚୋରି
କରିବାକୁ ପ୍ରୟାସ କଲା ।
କିନ୍ତୁ ସଦାପ୍ରଭୁଙ୍କର ଭିନ୍ନ
ଯୋଜନା ଥିଲା ।

4

ଦାଉଦଙ୍କ ପତ୍ନୀ ବତ୍‌ଶେବା ଜ୍ଞାତଥିଲେ ଯେ
ଦାଉଦଙ୍କ ଉତ୍ତାରେ ତାଙ୍କ ପୁତ୍ର ଶଲୋମନ
ଦାଉଦଙ୍କ ସ୍ଥାନରେ ରାଜା ହେବେ । ସେ
ଆଦୋନୀୟର ଯୋଜନା ବିଷୟରେ
ଦାଉଦଙ୍କୁ ଜ୍ଞାତ କରାଇଲେ । ରୋଗରେ
ଆକ୍ରାନ୍ତ ଦାଉଦ ନିଜର ସମସ୍ତ
ଯାଜକଗୋଷ୍ଠି, ଭବିଷ୍ୟତବକ୍ତାଗଣ ଓ
ସମସ୍ତ ଇସ୍ରାଏଲ୍ ଗୋଷ୍ଠି ସମ୍ମୁଖରେ
ଶଲୋମନଙ୍କୁ ଇସ୍ରାଏଲର ରାଜା କଲେ ।



5

ଶଲୋମନଙ୍କ ନିମନ୍ତେ ପୁନର୍ବାର କୌଣସି ଆପଦ ନୋହିଁଲା କାରଣ ଇସ୍ରାଏଲର ସମସ୍ତ ଗୋଷ୍ଠି ଦାଉଦଙ୍କୁ ବିଶ୍ୱାସ କଲେ । ସେ ସେମାନଙ୍କୁ କହିଲେ, ଶଲୋମନଙ୍କୁ ସଦାପ୍ରଭୁ ଇସ୍ରାଏଲର ରାଜା ଭାବରେ ଅଭିଷେକ କରିଅଛନ୍ତି । କେତେକାଳ ପରେ ଦାଉଦଙ୍କର ମୃତ୍ତୁ ହେଲା ।



6



ଦାଉଦଙ୍କ ମୃତ୍ତୁ ପୂର୍ବରୁ, ସେ ଶଲୋମନଙ୍କ ସହିତ
ଆଳାପ କଲେ ଓ ପରମେଶ୍ୱରଙ୍କୁ ଭୟକରି ଉତ୍ତମ
ରାଜା ହେବାନିମନ୍ତେ ତାହାଙ୍କୁ ଉପଦେଶ ଦେଲେ ।
ଦାଉଦ ତାହାଙ୍କୁ କହିଲେ, ସଦାପ୍ରଭୁଙ୍କ ପଥରେ
ଗମନ କର, ତେବେ ତୁମ୍ଭେ ଯାହାକିଛି କର
ତହିଁରେ ସଫଳ ହେବ । ତାହା ଏକ ଉତ୍ତମ
ଉପଦେଶ ଥିଲା । ତାହାପରେ ଶଲୋମନ ତାଙ୍କ
ପିତା ଦାଉଦଙ୍କ ସଂହାସନରେ ବସିଲେ ଏବଂ
ତାଙ୍କ ରାଜତ୍ୱ ଦୃଢ଼ଭାବରେ ସ୍ଥାପିତ ହେଲା ।

7

ଏକ ରାତ୍ରୀରେ, ଶଲୋମନ ସ୍ୱପ୍ନ ଦେଖିଲେ । ତାଙ୍କ
ସ୍ୱପ୍ନରେ, ସଦାପ୍ରଭୁ ଆବିର୍ଭାବ ହେଲେ ଓ
କହିଲେ, ମାଗ, ମୁଁ ତୁମ୍ଭ ନିମନ୍ତେ
କଅଣ କରିକରିପାରେପରେ,
ତୁମ୍ଭେ ଯାହା ଚାହଁ
ମାଗିପାର ।



8


ଶଲୋମନ କିନ୍ତୁ ଜ୍ଞାନ ଯାଚ଼ନା କଲେ ଯେପରି ସେ ଉତ୍ତମ ରାଜା ହୋଇପାରିବେ । ଯୁବରାଜାଙ୍କ ଅନୁରୋଧରେ ସଦାପ୍ରଭୁ ଅତ୍ୟନ୍ତ ଖୁସି ହେଲେ ।
9


ଶଲୋମନ ଯାହା ମାଗିଲେ ତାହା ପାଇଲେ ପୁଣି ସଦାପ୍ରଭୁ ତାହାଙ୍କୁ ମହାଧନ ଓ ସମ୍ମାନ ମଧ୍ୟ ପ୍ରଦାନ କରିବାକୁ ପ୍ରତିଜ୍ଞା କଲେ ।
10


ଶଲୋମନଙ୍କୁ ଜ୍ଞାନ ଖୋଜି ପାଇବାକୁ ଅଧିକ ସମୟ ଲାଗି ନଥିଲା । ଦିନକର ଘଟଣା, ଦୁଇ ସ୍ତ୍ରୀ ଏକ ସନ୍ତାନ ସହିତ ତାଙ୍କ ନିକଟକୁ ଆସିଲେ । ପ୍ରଥମ ସ୍ତ୍ରୀ କହିଲା, ଏହି ସ୍ତ୍ରୀ ପୁତ୍ର ଗତ ରାତ୍ରୀରେ ମରିଯାଇଅଛି, ଏବଂ ସେ ନିଜର ମୃତ ପୁତ୍ରକୁ ଆମ୍ଭପାଖରେ ଛାଡ଼ି ମୋହର ଜାବନ୍ତ ନେଇଯାଇଛି । ନୁହେଁ, ବଞ୍ଚିଥିବା ପୁତ୍ରଟା ମୋହର ଓ ମୃତ ପୁତ୍ରଟି ତୁମର ଦ୍ୱୀତୀୟ ସ୍ତ୍ରୀ କହିଲା । କିପରି ଭାବରେ ରାଜା କହିପାରିବେ କେଉଁଟା ପ୍ରକୃତରେ ଜୀବିତ ସନ୍ତାନର ମାତା?
11


ତାହାପରେ ରାଜା କହିଲେ, ମୋତେ ଏକ ଖଣ୍ଡା ଦିଅ । ସେମାନେ ଏକ ଖଣ୍ଡା ରାଜାଙ୍କ ସମ୍ମୁଖକୁ ଆଣିଲେ । ତୁମେ କଅଣ ଭାବ, ରାଜା ଖଣ୍ଡାରେ କଅଣ କରିବାକୁ ଚ଼ହୁଁଥିଲେ?
12


ଏବଂ ରାଜା କହିଲେ, ଏହି ଜୀଅନ୍ତା ପିଲାଟିକୁ ଦୁଇଖଣ୍ଡ କରି ଜଣକୁ ଅଧେ ଓ ଅନ୍ୟଜଣକୁ ଅଧେ ଦିଅ । ସେତେବେଳେ ଜୀଅନ୍ତା ପିଲାର ମାତା କହିଲେ, ହେ ମୋର ପ୍ରଭୁ, ସେହି ଜୀଅନ୍ତା ପିଲାକୁ ତାହକୁ ଦିଅନ୍ତ କୌଣସିମତେ ତାହାକୁ ବଧ ନକରନ୍ତୁ ।
13


ମାତ୍ର ଅନ୍ୟ ସ୍ତ୍ରୀ କହିଲା, ସେ ମୋହର ନୋହୁ କି ତୁମ୍ଭର ନୋହୁ ତାହାକୁ ଦୁଇ ଖଣ୍ଡ କର ।
14


ସେତେବେଳେ ରାଜା କହିଲେ,
ପ୍ରଥମ ସ୍ତ୍ରୀଙ୍କୁ ସେହି ଜୀବିତ
ବାଳକ ଦିଅ, ସେ ତାହାର ମାତା ।
ଆଉ ସମଗ୍ର ଇସ୍ରାଏଲ୍ ରାଜାଙ୍କର
ଏହି ନିଷ୍ପତ୍ତି ଦେଖି ରାଜାଙ୍କୁ ଭୟ
କଲେ । ସେମାନେ ଦେଖିଲେ ଯେ
ବିଚାର କରିବା ନିମନ୍ତେ ତାଙ୍କର
ଅନ୍ତରରେ ପରମେଶ୍ୱର ଦତ୍ତ
ଜ୍ଞାନ ଅଛି ।
15


ସଦାପ୍ରଭୁଙ୍କ ଉପାସନା ନିମନ୍ତେ ଇସ୍ରାଏଲୀୟ ମାନଙ୍କର
କୌଣସି ଏକ ମନ୍ଦିର ନଥିଲା । ଯେତେବେଳେ ଦାଉଦ ଏକ
ମନ୍ଦିର ନିର୍ମାଣ କରିବାକୁ ମନସ୍ଥ କଲେ, ସଦାପ୍ରଭୁ କହିଲେ,
ତୁମ୍ଭର ପୁତ୍ର ମୋ ନାମରେ ଏକ ମନ୍ଦିର ନିର୍ମାଣ କରିବ ।
ଶଲୋମନ
ଯିରୂଶାଲମରେ ଏକ
ବୃହତ୍ ଗୃହ ନିର୍ମାଣ ଆରମ୍ଭ କଲେ ।
16


ସେହି ମନ୍ଦିର ନିର୍ମାଣ କରିବାକୁ ପ୍ରାୟ ସାତ
ବର୍ଷ ସମୟ ଲାଗିଥିଲା । କିନ୍ତୁ ସମୟ
ଆସିଗଲା ଯେତେବେଳେ ସମସ୍ତ ଲୋକ
ଏକତ୍ରିତ ହୋଇଗଲେ କାରଣ ରାଜା
ଶଲୋମନ ସେହି ଗୃହକୁ ସଦାପ୍ରଭୁଙ୍କ
ଉଦ୍ଦେଶ୍ୟରେ ଉତ୍ସର୍ଗ କଲେ ।
17


କିନ୍ତୁ ଅଦ୍ଭୁତ ପ୍ରାର୍ଥନା ଉତ୍ତାରେ, ରାଜା ଓ
ଲୋକମାନେ ସମସ୍ତେ ମିଶି ଆନନ୍ଦରେ
ହଜାର ସଂଖ୍ୟାରେ ସଦାପ୍ରଭୁଙ୍କୁ ବଳି ଉତ୍ସର୍ଗ
କଲେ ଏବଂ ଦୁଇ ସପ୍ତାହ ପର୍ଯ୍ୟନ୍ତ ମହାଭୋଜ
କରି ଉତ୍ସବ ମନାଇଲେ ।
18


ଏହାପରେ, ସଦାପ୍ରଭୁ ପୁନର୍ବାର
ଶଲୋମନଙ୍କୁ ଦେଖାଦେଲେ ଏବଂ
ଶଲୋମନ୍ ଓ ଇସ୍ରାଏଲକୁ ସେହି ସମୟ
ପର୍ଯ୍ୟନ୍ତ ଆଶିର୍ବାଦ କରିବାକୁ ପ୍ରତିଜ୍ଞା କଲେ ଯେ
ପର୍ଯ୍ୟନ୍ତ ସେମାନେ ତାଙ୍କ ଆଜ୍ଞା ପାଳନ କରିବେ ।
19


ଦୁଃଖର କଥା ଏହି ଯେ ସେମାନଙ୍କ ମଧ୍ୟରୁ କେହିମଧ୍ୟ ଶଲୋମନ କିମ୍ବା
ଇସ୍ରାଏଲୀୟମାନେ ନିରନ୍ତର ସଦାପ୍ରଭୁଙ୍କ ଆଜ୍ଞା ପାଳନ କଲେନାହିଁ ।
ସଦାପ୍ରଭୁ ଯେଉଁମାନଙ୍କୁ ବିବାହ କରିବାକୁ ମନା କରିଥିଲେ ସେହି ସ୍ତ୍ରୀ
ମାନଙ୍କୁ ରାଜା ବିବାହ କଲେ । ତାଙ୍କର ବିଦେଶି ସ୍ତ୍ରୀ ମାନେ ତାଙ୍କର
ହୃଦୟ ପ୍ରତିମା ପୂଜା ଆଡ଼କୁ ନେଇଗଲେ, ଏବଂ ତାଙ୍କର ହୃଦୟ
ତାଙ୍କର ପିତା ଦାଉଦଙ୍କ ସମାନ ସଦାପ୍ରଭୁଙ୍କ
ନିଷ୍ଠାବାନ୍ ରହିଲା ନାହିଁ ।
20

ଯେତେବେଳେ ଶଲୋମନ ସଦାପ୍ରଭୁଙ୍କର ବାଧ୍ୟତା ହେବାର ସୁଯୋଗକୁ ଦୁର୍ବ୍ୟବହାର କଲେ, ତାଙ୍କ ଅଫିସରମାନଙ୍କ ମଧ୍ୟରୁ ଯାରବୟାମ ନାମକ ଅଫିସର ଅନ୍ୟ ଧରଣର ଅଭିଜ୍ଞତା ଅନୁଭବ କଲେ ।




21

ଏକ ଭବିଷ୍ୟତବକ୍ତା ତାହାଙ୍କୁ କହିଲେ, ସଦାପ୍ରଭୁ ଶଲୋମନଙ୍କ ରାଜ୍ୟକୁ ଭାଗ କରିବାକୁ ଯାଉଛନ୍ତି ଏବଂ ଯାରବିୟାମ ଇସ୍ରାଏଲର ବାରଟି ଗୋଷ୍ଠି ମଧ୍ୟରୁ ଦଶଟି ଗୋଷ୍ଠିକୁ ନେଇ ରାଜ୍ୟ କରିବେ । ଯାରବିୟାମ ଶିଘ୍ର ମିଶର ଦେଶକୁ ପଳାୟନ କଲେ । ସେ ଜାଣିଥିଲେ ଯଦି ସେ ରହିବେ ତେବେ ଶଲୋମନ ନିଶ୍ଚିତଭାବରେ ତାଙ୍କୁ ବଧ କରିବେ ।




22



ପରିଶେଷରେ ଶଲୋମନଙ୍କର ମୃତ୍ୟୁହେଲା । ତାଙ୍କର ପୁତ୍ର, ରିହବିୟାମ, ଶଲୋମନଙ୍କଠାରୁ ମଧ୍ୟ ଅଧିକ ପରିମାଣରେ ଲୋକମାନଙ୍କଠାରୁ କର ଆଦାୟ କଲେ । ଦଶଗୋଷ୍ଠି ତାଙ୍କ ବିରୁଦ୍ଧରେ ବିଦ୍ରୋହ କଲେ ଓ ଯାରବୟାମଙ୍କୁ ସେମାନଙ୍କର ନେତା ଚୟନ କଲେ ।

23



ଶଲୋମନଙ୍କର ସେହି ମହାନ ଦେଶ ଦୁଇ ଭାଗରେ ବିଭାଜିତ ହେଲା, ଯେପରି ସଦାପ୍ରଭୁ ନିଜ ଭବିଷ୍ୟତବକ୍ତାଙ୍କ ଦ୍ୱାରା କହିଥିଲେ । ସଦାପ୍ରଭୁ ଅବଜ୍ଞାକାରିଙ୍କୁ କଦାପି ଆଶିର୍ବାଦ କରିନ୍ତି ନାହିଁ ।

24

ବୁଦ୍ଧିମାନ୍ ରାଜା ଶଲୋମନ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ପ୍ରଥମ ରାଜାବଳୀ ୧-୧୨

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ୍ୟ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।